# କନ୍ଧମାଳ ଜିଲ୍ଲାରେ ଅଦିନିଆ ଛତୁ ଚାଷ – ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ନିୟମିତ ଆୟର ଉତ୍ସ

କନ୍ଧମାଳ ଜିଲ୍ଲାର ଜି. ଉଦୟଗିରି ବ୍ଲକ୍ ଅନ୍ତର୍ଗତ କନବାଗିରି ଗ୍ରାମର ଇଷ୍ଟେର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୨୦୨୩-୨୪ ଆର୍ଥିକ ବର୍ଷରେ ଅଦିନିଆ ଛତୁ ଚାଷ ଆରମ୍ଭ କରି ନିଜ ପାଇଁ ଏକ ସ୍ଥାୟୀ ଆୟର ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି।

ଏହି ପଦକ୍ଷେପ କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ ଦ୍ୱାରା ଆୟୋଜିତ ପ୍ରଶିକ୍ଷଣ ଓ ପ୍ରଦର୍ଶନ କାର୍ଯ୍ୟକ୍ରମରୁ ପ୍ରେରଣା ପାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିଜ ଗ୍ରାମରେ ଆରମ୍ଭ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ଠାରେ ମହିଳାମାନେ ଧିଙ୍ଗିରି (ଓଇଷ୍ଟର) ଛତୁ ଚାଷର ବୈଜ୍ଞାନିକ ପ୍ରଯୁକ୍ତି, ଛତୁ ମଞ୍ଜି ପ୍ରସ୍ତୁତି ପ୍ରକ୍ରିୟା, ତାପମାତ୍ରା ଓ ଆର୍ଦ୍ରତା ପରିଚାଳନା ବିଷୟରେ ପ୍ରାୟୋଗିକ ଜ୍ଞାନ ଅର୍ଜନ କରିଥିଲେ।

ଆଦିବାସୀ ଉପ ଯୋଜନା ଅଧୀନରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଛତୁ ମଞ୍ଜି ଓ ପଲିଥିନ ଯୋଗାଇ ଦେବା ସହ ସ୍ଥାନ ଚୟନ, ବେଡ଼ / ଭାଡ଼ି ପ୍ରସ୍ତୁତି, ପ୍ରଶିକ୍ଷଣ ଏବଂ ନିୟମିତ ପ୍ରାଯୁକ୍ତିକ ପରାମର୍ଶ ପ୍ରଦାନ କରାଯାଇଥିଲା, ଯାହା ଛତୁ ଚାଷର ସଫଳତାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।

ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ୧୦୦ ଗୋଟି ବେଡ଼ ବ୍ୟବହାର କରି ଛତୁ ଚାଷ ଆରମ୍ଭ କରି ପ୍ରତି ବେଡ଼ରୁ ହାରାହାରି ୧.୨ ରୁ ୧.୫ କି.ଗ୍ରା. ହିସାବରେ ମୋଟ ୧୩୦ କିଲୋଗ୍ରାମ ଛତୁ ଉତ୍ପାଦନ କରିଥିଲେ । ଉତ୍ପାଦିତ ଛତୁଗୁଡ଼ିକୁ ସ୍ଥାନୀୟ ବଜାର ଓ ହୋଟେଲ୍‌ମାନଙ୍କୁ କିଲୋଗ୍ରାମ ପ୍ରତି ହାରାହାରି ୨୨୦ ଟଙ୍କା ହିସାବରେ  ବିକ୍ରି କରି ମୋଟ ୨୮୬୦୦ ଟଙ୍କା ଆୟ କରିଥିଲେ। ଏଥିରେ ମୋଟ ଖର୍ଚ୍ଚ ୧୧୫୦୦ ଟଙ୍କା ହୋଇଥିବା ବେଳେ ନିଷ୍କଳଙ୍କ ଲାଭ ୧୭୧୦୦ ଟଙ୍କା ପ୍ରାପ୍ତ ହୋଇଥିଲା ।

ବର୍ତ୍ତମାନ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ୩୦୦-୩୫୦ ବେଡ଼ରେ ଛତୁ ଚାଷ କରି ଆଶାନୁରୂପକ ଲାଭ ହାସଲ କରୁଛନ୍ତି । ଏହା ସହ ଆକର୍ଷଣୀୟ ପ୍ୟାକେଜିଂ ଓ ମୂଲ୍ୟ ବୃଦ୍ଧିକରଣ ମାଧମରେ ଫୁଲବାଣୀ ଓ ବ୍ରହ୍ମପୁର ଭଳି ବଡ଼ ବଜାର ସହ ସଂଯୋଗ ସ୍ଥାପନ କରି ଉତ୍ତମ ଦରରେ ଉତ୍ପାଦ ବିକ୍ରି କରୁଛନ୍ତି।

ଏହି ସଫଳ ଉଦ୍ୟମରୁ ପ୍ରେରିତ ହୋଇ କନ୍ଧମାଳ ଜିଲ୍ଲାର ଦାରିଙ୍ଗିବାଡ଼ି, ଟିକାବାଲି, ରାଇକିଆ, ଖଜୁରୀପଡା, ଫୁଲବାଣୀ, ବାଲିଗୁଡା ଆଦି ବ୍ଲକର ପ୍ରାୟ ୩୨୦ ସ୍ୱୟଂ ସହାୟକ ଗୋଷ୍ଠୀ ଅଦିନିଆ ଛତୁ ଚାଷ କରି ସେମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ଼ କରିପାରିଛନ୍ତି ।ଏହି ସଫଳତା କାହାଣୀ ପ୍ରମାଣ କରେ ଯେ, ଅଦିନିଆ ଛତୁ ଚାଷ ଗ୍ରାମୀଣ ମହିଳାମାନଙ୍କ ପାଇଁ କମ୍ ନିବେଶରେ ଅଧିକ ଆୟ ଦେଇପାରୁଥିବା ଏକ ଲାଭକାରୀ ଓ ସୁସ୍ଥାୟୀ ଉଦ୍ୟମ ଅଟେ।

Photographs



















